## ସଂକ୍ଷେପରେ

### ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କାନାଳ,୧୬।୬(ରତନ ନାୟାର)- ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ସାନନଡବ ଗ୍ରାମ ଜଙ୍ଗଲରୁ ଶୁକ୍ରବାର ଜଣେ ନିଖୋଜ ବୃଦ୍ଧାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ହେଲେ ସ୍ଥାନୀୟ ଗ୍ରାମର କୋକିଳ ନାଏକ (୬୭)। ସେ ୩୦ ତାରିଖରୁ ନିଖୋଜ ଥିଲେ। ତେବେ ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ପୋଲିସ ଏବଂ ବନ ବିଭାଗ ଭିନ୍ନ ମତ ଦେଇଛନ୍ତି। ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଅଞ୍ଚଳବାସୀ ସୂଚନା ଦେଇଥିବା ଫାଣ୍ଡି ପୋଲିସ ପକ୍ଷରୁ କୁହାଯାଇଛି। ହେଲେ ସଦର ରେଞ୍ଜର ବିଭୂଦାନନ୍ଦ ମିଶ୍ର ଏହାକୁ ଅସ୍ୱୀକାର କରିଛନ୍ତି। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇନାହିଁ। ବୃଦ୍ଧାଙ୍କ ଦରପୋଡ଼ା ମୃତଦେହ ଜଙ୍ଗଲରୁ ମିଳିଛି ବୋଲି ସେ କହିଛନ୍ତି। ପୋଲିସ ଏବଂ ବନ ବିଭାଗ ଅଧିକାରୀଙ୍କ ମତରେ ପାର୍ଥକ୍ୟ ରହୁଥିବାରୁ ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ସଦର ଥାନାରେ ନଂ. ୩୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ହିଂସ୍ର ହେଉଛନ୍ତି ଗୋଠଛଡ଼ା ଦନ୍ତା

ଢେଙ୍କାନାଳ, ୧୬।୬(ରତନ ନାୟାର)


ହନ୍ତାହାତୀ।


ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ।

■ମାସକ ଭିତରେ ୧୨ ଜଣଙ୍କ ଜୀବନ ଗଲାଣି
■ଗତିବିଧି ଉପରେ ସତର୍କ ନଜର ରଖ: ଜିଲାପାଳ

ଗୋଠରୁ ଅଲଗା ହୋଇ ଜନବସତିରେ ଆତଙ୍କ ସୃଷ୍ଟି କରୁଥିବା ଦନ୍ତା ଢେଙ୍କାନାଳ ଜିଲା ବନ ବିଭାଗର ଚିନ୍ତା ବଢ଼ାଇଛନ୍ତି। ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବା ଅଣ୍ଡିରା ହାତୀଙ୍କ ଆକ୍ରମଣରେ ଗତ ମାସକ ମଧ୍ୟରେ ୧୨ ଜୀବନ ଗଲାଣି। ଏହାକୁ ନେଇ ଉପଦ୍ରୁତ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେବାରେ ଲାଗିଛି। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି, ଯାହାକୁ ନିୟନ୍ତ୍ରଣ କରିବା ଜିଲା ପ୍ରଶାସନ, ବିଦ୍ୟୁତ୍ ଓ ପୋଲିସ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ହାତୀ-ମଣିଷ ସଂଘର୍ଷକୁ ଯଥାସାଧ୍ୟ ହ୍ରାସ କରିବା ପାଇଁ ଶୁକ୍ରବାର ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମଣିଷ ଜୀବନ ମୂଲ୍ୟବାନ। ତେଣୁ ହାତୀ ଆକ୍ରମଣରେ ଯେପରି କେହି ମୃତାହତ ନ ହୁଅନ୍ତି ଏବଂ ଧନଜୀବନ ନଷ୍ଟ ନ ହୁଏ ସେଥିଲାଗି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ହାତୀଙ୍କ ଗତିବିଧି ଉପରେ ସତର୍କ ନଜର ରଖିବା ପାଇଁ ପଞ୍ଚାୟତସ୍ତରରେ କମିଟି ଗଠନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିଲାଗି ବିହିତ ବ୍ୟବସ୍ଥା ଗ୍ରହଣ କରିବା ଲାଗି ସେ ଉପଜିଲାପାଳ, ବିଡିଓ, ସରପଞ୍ଚ, ରେଞ୍ଜରଙ୍କୁ ପରାମର୍ଶ ଦେଇଛନ୍ତି।

ଜିଲାରେ ହାତୀ-ମଣିଷ ସଂଘର୍ଷର ଚିତ୍ର ଅବତାରଣା କରି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଲେ, ଜିଲାରେ ଏବେ ୨୫୦ ହାତୀ ଅଛନ୍ତି। ଗତବର୍ଷ ହାତୀ ଆକ୍ରମଣରେ ୩୫ ଜଣଙ୍କ ଜୀବନ ଯାଇଥିଲା। ସେହିପରି ବିଭିନ୍ନ କାରଣରୁ ୧୬ ହାତୀ ମରିଥିଲେ। ଗତ ମାସକ ମଧ୍ୟରେ ହାତୀ ପାଇଁ ୧୨ଜଣଙ୍କ ଜୀବନ ଯାଇଛି। ବିଭିନ୍ନ କାରଣରୁ ୨ଟି ହାତୀଙ୍କ ମୃତ୍ୟୁ ଘଟିଛି। ହାତୀ ଘଉଡ଼ାଇବା ପାଇଁ ସ୍କ୍ୱାଡ୍ ଗଠନ କରାଯାଇଛି। ଉପଦ୍ରୁତ ଅଞ୍ଚଳରେ ଟ୍ରେଞ୍ଚ ଖନନ ସହ ସୌରବାଡ଼ ବ୍ୟବସ୍ଥା ହୋଇଛି। ଡାକବାଜି ଯନ୍ତ୍ର, ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅଧିକ ସଚେତନ କରାଯିବ। ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳର ଜନସାଧାରଣ ବିଶେଷ କରି ବୟସ୍କ ବ୍ୟକ୍ତି ଭୋର ୪ଟାରୁ ସକାଳ ୭ଟା ମଧ୍ୟରେ ଅଧିକ ସତର୍କ ରହିବାକୁ ଜିଲା ବନଖଣ୍ଡ ଅଧିକାରୀ ପରାମର୍ଶ ଦେଇଛନ୍ତି।

ଏଥିସହ ଐତିହ୍ୟ ପ୍ରାଣୀ ହାତୀଙ୍କ ସୁରକ୍ଷିତ ବିଚରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ହାତୀ ଯେପରି ବିଦ୍ୟୁତ୍ ତାର ସଂସ୍ପର୍ଶରେ ନ ଆସନ୍ତି ଏବଂ ବିଦ୍ୟୁତ୍ ତାର ବିଛାଇ ହେଉଥିବା ଶିକାର ରୋକିବା ଲାଗି ସର୍ବାଧିକ ଗୁରୁତ୍ୱ ଦେବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଦେଇ ଯାଇଥିବା ରେଳଧାରଣା ହାତୀପଲ ପାର୍ ହେଉଛନ୍ତି। ଏ ସମ୍ପର୍କିତ ଦୁର୍ଘଟଣା ରୋକିବା ଲାଗି ଟ୍ରେନ୍ ଚାଳକମାନେ ସତର୍କତା ଅବଲମ୍ବନ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଖଣିଖାଦାନ ଅଞ୍ଚଳରୁ ଖଣିଜ ସାମଗ୍ରୀ ଚୋରାଚାଲାଣ ରୋକିବା, ଅଭିଯୁକ୍ତଙ୍କଠାରୁ ଜରିମାନା ଆଦାୟ କରିବା, ଶିକ୍ଷାନୁଷ୍ଠାନରୁ ନିର୍ଗତ ପାଉଁଶ ଦ୍ୱାରା ଖନନ ହୋଇଥିବା ଖଣି ଅଞ୍ଚଳରେ ବନୀକରଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଗୁରୁତ୍ୱ ଦିଆଯିବ। ଚୋରା ଖଣିଜ ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ସମେତ ବନବିଭାଗ, ବିଦ୍ୟୁତ୍ ବିଭାଗ, ପୋଲିସ ଅଧିକାରୀ, ପୂର୍ବତଟ ରେଲୱେର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟାଟା ଷ୍ଟିଲ୍ ଦୁର୍ଘଟଣା: ନ୍ୟାୟିକ ଯାଞ୍ଚ ଦାବି

ତାଳଚେର,୧୬।୬(ମନୋଜ ନନ୍ଦ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟରେ ହୋଇଥିବା ଦୁର୍ଘଟଣାର ନ୍ୟାୟିକ ଯାଞ୍ଚ ପାଇଁ ଦାବି କରିଛି ଭୂଷଣ ଷ୍ଟିଲ ୱାର୍କର୍ସ ୟୁନିଅନ। ସଂଘ ପକ୍ଷରୁ କୁହାଯାଇଛି, କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କ ସୁରକ୍ଷାକୁ ଅଣଦେଖା କରିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା। ଅଦ୍ୟାବଧି ଏହାର ବୈଷୟିକ ରିପୋର୍ଟ ପ୍ରକାଶ ପାଇନାହିଁ। ଅଘଟଣରେ ଅଧିକ ଶ୍ରମିକ ଗୁରୁତର ହୋଇଥିବା ସନ୍ଦେହ କରାଯାଉଛି। ଗୁରୁତର ଶ୍ରମିକଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସଂଘ ସଭାପତି ଅରେନ ପାଣି, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ରଥ ଦାବି କରିଛନ୍ତି।

## ନେହେରୁ ସୋସିଆଲିଷ୍ଟ ଫୋରମ୍‌ର ପ୍ରତିବାଦ

ଢେଙ୍କାନାଳ, ୧୬।୬(ରତନ ନାୟାର)

ଜବାହରଲାଲ ନେହେରୁ ମ୍ୟୁଜିୟମ ନାମ ପରିବର୍ତ୍ତନକୁ ପ୍ରତିବାଦ କରିଛନ୍ତି ଓଡ଼ିଶା ନେହେରୁ ସୋସିଆଲିଷ୍ଟ ଫୋରମର ରାଜ୍ୟ ଆବାହକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ। ଜବାହରଲାଲ ନେହେରୁ ଆଧୁନିକ ଭାରତର ନିର୍ମାତା। ତାଙ୍କର ନାମକୁ ଦେଶବାସୀ ହୃଦୟ ଭିତରେ ରଖିଛନ୍ତି। ତେଣୁ ତାଙ୍କ ଜବାହରଲାଲ ନେହେରୁ ମ୍ୟୁଜିୟମ ନାମ ପରିବର୍ତ୍ତନ କରାଯିବା ହୀନ ରାଜନୀତି ବୋଲି ସେ କହିଛନ୍ତି।

# ଭୂତେଶ ଜେନାଙ୍କ ସ୍ମୃତିସଭା

ଢେଙ୍କାନାଳ, ୧୬।୬(ରତନ ନାୟାର)

କୌପୀନଧାରୀ ମହିମା ସମାଜ 'ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ'ର ସାଧାରଣ ସମ୍ପାଦକ ତଥା ନାଲ୍‌କୋର ଅବସରପ୍ରାପ୍ତ ସହକାରୀ ମହାପ୍ରବନ୍ଧକ ଭୂତେଶ ଜେନାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବଅଁରପାଳ ବ୍ଲକ କୁଲାଡ଼ ଆଶ୍ରମରେ କୌପୀନଧାରୀ ମହିମା ସମାଜ ଅଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ମହିମା ଧର୍ମର ପ୍ରଚାର ପ୍ରସାରରେ ଭୂତେଶଙ୍କ ଅବଦାନ ସମ୍ପର୍କରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ ବିଭୂତି ଭୂଷଣ ବିଶ୍ୱାଳ, ମହିମା ଜ୍ୟୋତିଯାତ୍ରା ଯୁଗ୍ମ ଆବାହକ ବିଜ୍ଞାନୀ ବେହେରା, ଶେଷଦେବ ବାବା, ରବି ବାବା, ସନତ ବାବା, ବୈରାଗୀ ସେଠ୍, ପ୍ରେମାନନ୍ଦ ସେଠ୍, ନିବାରଣ ମହାକୁଡ, ଆଇନଜୀବୀ ଅଜୟ ଦେହୁରୀ, କରୁଣା ବାବା, ତ୍ୟାଗୀ ବିଜୟ ଦାସ ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରିବାର ପକ୍ଷରୁ ଭୂତେଶଙ୍କ ସାନଭାଇ ତଥା ନାଲକୋ କଂଗ୍ରେସ ୟୁନିୟନର ସଭାପତି ପରେଶ ଚନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ଜେନା, ପୁତୁରା ରାଜେଶ ଜେନା ପ୍ରମୁଖ ସହଯୋଗ କରିଥିଲେ।


ଭୂତେଶ ଜେନାଙ୍କ ବିୟୋଗରେ ଆୟୋଜିତ ଶୋକସଭାରେ ସାଧୁସନ୍ନ୍ୟାସୀମାନେ।

# ଇଡ୍‌କୋକୁ ଜମି ହସ୍ତାନ୍ତରକୁ ବିରୋଧ


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଏନ୍‌ଟିପିସି କ୍ଷତିଗ୍ରସ୍ତ ପ୍ରଜା।

ଢେଙ୍କାନାଳ, ୧୬।୬(ରତନ ନାୟାର)

ଏନ୍‌ଟିପିସି ପ୍ରକଳ୍ପ ପାଇଁ ଜମି ହରାଇଛନ୍ତି ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ, ସିଆରିଆ, ପାତ୍ରଭାଗ, ମାଣିପୁର ଗ୍ରାମବାସୀ। ଉକ୍ତ ଜମିକୁ ଏବେ ଇଡ୍‌କୋକୁ ହସ୍ତାନ୍ତର କରାଯାଉଥିବା ଜଣାପଡ଼ିବା ପରେ ଏହାକୁ ଜମିହରା ପ୍ରଜା ତୀବ୍ର ବିରୋଧ କରିଛନ୍ତି। ଏ ନେଇ ସେମାନେ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ଜାତୀୟ ତାପଜ ବିଦ୍ୟୁତ ନିଗମ(ଏନ୍‌ଟିପିସି) ପ୍ରକଳ୍ପ ନିମନ୍ତେ ୨୦୧୧ରେ ୭୯୫ ଏକର ୮୫ ଡିସିମିଲ ଜାଗା ଅଧିଗ୍ରହଣ ଲାଗି ରାଜ୍ୟ ସରକାର ବିଜ୍ଞାପନ ଜାରି କରିଥିଲେ। ପଲ୍ଲିସଭାରେ ସହମତି ପରେ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ଜମିହରାଙ୍କୁ ଉପଯୁକ୍ତ କ୍ଷତିପୂରଣ, ପରିବାରର ଜଣକୁ ନିଯୁକ୍ତି, ଅଧିଗୃହୀତ ଗୋଚର ଜମି, ଶ୍ମଶାନ, ପୁଷ୍କରିଣୀର ବିକଳ୍ପ ବ୍ୟବସ୍ଥା, ଏନ୍‌ଟିପିସିର ସିଏସ୍‌ଆର ପାଣ୍ଠିରୁ ଅଞ୍ଚଳର ବିକାଶ କାର୍ଯ୍ୟ କରିବା ସର୍ତ୍ତରେ ଜମି ହସ୍ତାନ୍ତର କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା। ମାତ୍ର ଏହା ବ୍ୟତୀତ ଅନ୍ୟ କୌଣସି ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଗ୍ରାମବାସୀ ସମ୍ମତି ପ୍ରକାଶ କରି ନ ଥିଲେ। ତେବେ ପତ୍ରସଂଖ୍ୟା ୧୨୦୯, ୧୦।୨।୨୦୨୩, ପତ୍ରସଂଖ୍ୟା ୭୦୩୯, ୪।୩।୨୦୨୩, ପତ୍ରସଂଖ୍ୟା ୯୯୪୭, ୧୭।୩।୨୦୨୩ ଅନୁଯାୟୀ ଉକ୍ତ ଜାଗାକୁ ଇଡ୍‌କୋକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ସେଠାରେ ଇଡ୍‌କୋ ପାଚେରି ନିର୍ମାଣ ଆରମ୍ଭ କରିଛି, ଯାହାକୁ ଜମିହରା ପ୍ରଜା ବିରୋଧ କରୁଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଜମି ଅଧିଗ୍ରହଣର ୫ବର୍ଷ ମଧ୍ୟରେ ପ୍ରକଳ୍ପ ନିର୍ମାଣ ନ ହେଲେ ଅଧିଗୃହୀତ ଜମି ସେମାନଙ୍କ ମାଲିକଙ୍କୁ ଫେରାଇ ଦିଆଯିବାର ପ୍ରାବଧାନ ରହିଛି। ସେହିପରି ମୂଳ ପ୍ରକଳ୍ପ କରା ନ ଯାଇ ଅନ୍ୟ ପ୍ରକଳ୍ପ କରାଗଲେ କ୍ଷତିପୂରଣ ଅର୍ଥର ୪୦ % ଜମି ମାଲିକଙ୍କୁ ପ୍ରଦାନ କରାଯିବ। ତେଣୁ ଏନ୍‌ଟିପିସି ସହ ହୋଇଥିବା ରାଜିନାମାର ସର୍ତ୍ତ ଅନୁଯାୟୀ ବର୍ତ୍ତମାନର ସରକାରୀ ଜମିର ମୂଲ୍ୟ ଅନୁଯାୟୀ ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଜମି ଅଧିଗ୍ରହଣ ପୂର୍ବରୁ କ୍ଷତିପୂରଣ ପ୍ରଦାନ, ନୂତନ ପ୍ରକଳ୍ପରେ ପରିବାରରୁ ଅନ୍ୟୂନ ଜଣକୁ ନିଯୁକ୍ତି ସମେତ ପୂର୍ବ ଦାବି ପୂରଣ, ଉନ୍ନତମାନର ଡାକ୍ତରଖାନା ନିର୍ମାଣ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ନୂତନ ପ୍ରକଳ୍ପକୁ ବିରୋଧ କରାଯିବ ବୋଲି ଜମିହରା ପ୍ରଜା ରମେଶ ଚନ୍ଦ୍ର ସାମଲ, ମନୋଜ ପଟ୍ଟନାୟକ, ହେମନ୍ତ ମହାନ୍ତି, ସମସେର ଅଲୀ ଖାଁ, ବିଷ୍ଣୁପ୍ରିୟା ପଟ୍ଟନାୟକ, ବସନ୍ତ ରାଉତ, ଚିତ୍ତରଞ୍ଜନ ଧଳ, ରମେଶ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏମ୍‌ପି, ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର କୁହନ୍ତି, ଅଭିଯୋଗ ପାଇଛୁ। ଜିଲାପାଳଙ୍କ ସହ ଆଲୋଚନା ପରେ ତାରିଖ ଧାର୍ଯ୍ୟ କରାଯାଇ ଜମିହରା ପ୍ରଜାଙ୍କ ପ୍ରତିନିଧିଙ୍କୁ ନେଇ ଆଲୋଚନା କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ମାତୃଭାଷାର ଭୂମିକା ଉପରେ ଆଲୋଚନା

ଢେଙ୍କାନାଳ, ୧୬।୬(ରତନ ନାୟାର)

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଜୁନ୍ ୧ରୁ ଆରମ୍ଭ ହୋଇଥିବା ଜନଭାଗୀଦାରି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୬ ତାରିଖରେ ଆୟୋଜିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କର୍ମଶାଳାରେ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ମାତୃଭାଷାର ଭୂମିକା ଓ ମୌଳିକ ସଂଖ୍ୟାଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଦିବସରେ ଗଳ୍ପ ଲିଖନ, ଜାତୀୟ ଶିକ୍ଷାନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା କାର୍ଯ୍ୟକଳାପ, ଅଭିଭାବକ-ଶିକ୍ଷକ ସଭା, ରଙ୍ଗୋଲି, କଳା ଓ ହସ୍ତଶିଳ୍ପ, ଜି-୨୦ ସମ୍ପର୍କିତ କୁଇଜ୍, ତର୍କ ପ୍ରତିଯୋଗିତା, ଡିଜିଟାଲ ଶିକ୍ଷା ସମ୍ପର୍କିତ ୱେବିନାର, ଚଳଚ୍ଚିତ୍ର ଶୋ, ପ୍ରାଥମିକ ଶିକ୍ଷାରେ ପପେଟ୍‌ର ବ୍ୟବହାର, ଯୋଗର ଉପକାରିତା ଏବଂ ସାଇକେଲ ରାଲିର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାର୍ଥୀ ଓ ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।



ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କର୍ମଶାଳାରେ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମେତ ଅନ୍ୟମାନେ।

# ନିଟ୍ ପରୀକ୍ଷାରେ କୃତିତ୍ୱ

ପରଜଙ୍ଗ, ୧୬।୬
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଗ୍ରାମର ସ୍ୱସ୍ତିକ ସୂରଜ ପାଣି ନିଟ୍ ୟୁଜି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ସେ ୭୨୦ରୁ ୬୫୨ ମାର୍କ ରଖିବାସହ ଜାତୀୟସ୍ତରରେ ୬୨୬୯ ର୍‍ୟାଙ୍କ୍ ହାସଲ କରିଛନ୍ତି। ବାପା ପ୍ରଦୀପ ପାଣି, ମା' ବିଦ୍ୟୁତ୍‌ପ୍ରଭା ପାଣିଙ୍କ ପୁଅ ସ୍ୱସ୍ତିକଙ୍କ ଏହି ସଫଳତାରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।


ସ୍ୱସ୍ତିକ ସୂରଜ ପାଣି।

# ନିଟ୍‌ରେ ଇ-ଟେକ୍ ଛାତ୍ରୀଛାତ୍ରଙ୍କ ସଫଳତା


ଶୁଭମ ଦାସ।


ରତୁପର୍ଣ୍ଣା ପାଣିଗ୍ରାହୀ।


ସତ୍ୟପ୍ରିୟାଂଶୁ ସ୍ୱାଇଁ।


ଚିନ୍ମୟ କୁମାର ନନ୍ଦ।


ପ୍ରଜ୍ଞା ପାରମିତା ସ୍ୱାଇଁ।

ଢେଙ୍କାନାଳ,୧୬।୬(ରତନ ନାୟାର)

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ୟୁଜି-୨୦୨୩ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଢେଙ୍କାନାଳସ୍ଥିତ ଇ-ଟେକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର। ଶୁଭମ୍ ଦାସ (୬୫୭), ରତୁପର୍ଣ୍ଣା ପାଣିଗ୍ରାହୀ (୬୪୫), ସତ୍ୟପ୍ରିୟାଂଶୁ ସ୍ୱାଇଁ (୬୨୭), ଚିନ୍ମୟ କୁମାର ନନ୍ଦ (୬୦୬), ଗୀତାରାଣୀ ବେହେରା (୬୦୬), ପ୍ରଜ୍ଞା ପାରମିତା ସ୍ୱାଇଁ (୫୯୭), ଶୁଭଜିତ ସ୍ୱାଇଁ (୫୭୯), ଚନ୍ଦନ ବେହେରା (୫୪୧) ଏଥିରେ କୃତକାର୍ଯ୍ୟ ହୋଇ ବିଭିନ୍ନ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଇ-ଟେକ୍ ଏଣ୍ଡ୍ୱାନ୍ସ କୋଚିଂର ୨୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ଜଣ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଶିକ୍ଷା, ଉଚ୍ଚମାନର ଶିକ୍ଷା ପ୍ରଣାଳୀ, ଅଧ୍ୟାପିକା, ଅଧ୍ୟାପକଙ୍କ ନିଷ୍ଠାପର ଶିକ୍ଷାଦାନ ଏଥିରେ ବିଶେଷ ସହାୟକ ହୋଇପାରିଛି।

ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀ ସାରସ୍ୱତା ମିଶ୍ର ୫୬୨ ମାର୍କ ରଖି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ଅନୁରୂପ ଭାବେ ସର୍ବଭାରତୀୟ ଜେଇ ମେନ୍ ପ୍ରବେଶିକା ପରୀକ୍ଷାରେ ଇ-ଟେକ୍ ଏଣ୍ଡ୍ୱାନ୍ସ କୋଚିଂର ଛାତ୍ର ସତ୍ୟ ପ୍ରିୟାଂଶୁ ସ୍ୱାଇଁ ୯୮.୫%, ଶାଶ୍ୱତ ପ୍ରକାଶ ସାହୁ ୯୫.୨%, ନୀଳମାଧବ ମିଶ୍ର ୯୪.୩%, ସତ୍ୟଜିତ ମିଶ୍ର ୯୩.୫ %, ବିଶ୍ୱଜିତ ରାଉତ ୯୨.୫୮%, ଯାଜ୍ଞସେନୀ ସ୍ୱାଇଁ ୯୨%, ଶୁଭସ୍ମିତା ସାହୁ ୯୧%, ଅୟସକାନ୍ତ ଶର୍ମା ୯୦%, ଐଶ୍ୱର୍ଯ୍ୟା ନାୟକ ୯୦%, ଦିବ୍ୟଲୋଚନ ସ୍ୱାଇଁ ୮୯.୭% ମାର୍କ ରଖିଛନ୍ତି। ୩୨ଜଣ ଛାତ୍ରୀଛାତ୍ର ଜେଇ ମେନ୍ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଛନ୍ତି। ସେହିପରି ଯୁକ୍ତ୨ ବିଜ୍ଞାନ ବାର୍ଷିକ ପରୀକ୍ଷାରେ ଅନୁଷ୍ଠାନର ୨୮୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଇ-ଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଛାତ୍ରୀଙ୍କ ସମେତ ମୋଟ ୨୧ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ ସ୍ୱଳ୍ପଖର୍ଚ୍ଚରେ ଯେପରି ସର୍ବଭାରତୀୟସ୍ତରୀୟ ପରୀକ୍ଷାରେ ସଫଳ ହୋଇପାରିବେ, ଏଥିପାଇଁ ଇ-ଟେକ୍ ବଦ୍ଧପରିକର ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର କହିଛନ୍ତି।

# ମହିମାଗାଦି ରୂପାନ୍ତରଣ ନିଷ୍ପତ୍ତିକୁ ସ୍ୱାଗତ

## ସାଧୁସନ୍ଥଙ୍କ ମଧ୍ୟରେ ଖୁସିର ଲହରି

ଢେଙ୍କାନାଳ, ୧୬।୬(ରତନ ନାୟାର)

ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଯୋରନ୍ଦା ମହିମାଗାଦି କାୟାକଳ୍ପର ସମ୍ପୂର୍ଣ୍ଣ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ମହିମାଗାଦି ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ ହେବ। ଆସନ୍ତା ମାଘମେଳା ବେଳକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି, ଯାହାକୁ ନେଇ ମହିମା ସନ୍ନ୍ୟାସୀ, ଶ୍ରଦ୍ଧାଳୁ, ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିଲାଗି ମହିମା ସାଧୁସନ୍ଥ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ସୁଧୀର କୁମାର ସାମଲ, ବିଧାୟକ ପ୍ରଣବ ପ୍ରକାଶ ଦାସ, ୫-ଟି ସଚିବ ଭିକେ ପାଣ୍ଡିଆନ୍, ସଂଯୋଜକ ଈଶ୍ୱର ପାଣିଗ୍ରାହୀ, ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ଜିଲାର ଜନପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି। କୌପୀନଧାରୀ ମହିମା ସମାଜର ଅବିନାଶୀ ବାବା, ସୁଶାନ୍ତ ବାବା, ରମେଶ ବାବା ପ୍ରମୁଖ ଶୁକ୍ରବାର ଜିଲା କାର୍ଯ୍ୟାଳୟରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଜନପ୍ରତିନିଧିଙ୍କୁ ଅଲେଖ ମହିମା ଧ୍ୱନିରେ ଆଶୀର୍ବାଦ କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ସାଧୁସନ୍ଥମାନେ ଯୁଗାନ୍ତକାରୀ ବୋଲି ଅଭିହିତ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ମହିମା ସନ୍ନ୍ୟାସୀମାନେ ସମସ୍ତଙ୍କୁ ଆଶୀର୍ବାଦ କରୁଛନ୍ତି।

ଏ ନେଇ ବିଧାୟକ ସୁଧୀର କୁମାର ସାମଲ କୁହନ୍ତି, ଦୀର୍ଘଦିନ ହେଲା ମହିମାଗାଦିର ଦୁଇଗୋଷ୍ଠୀ ସନ୍ନ୍ୟାସୀଙ୍କ ମଧ୍ୟରେ ବିବାଦ ଲାଗିଥିଲା। ରାଜ୍ୟ ସରକାର, ଜିଲା ପ୍ରଶାସନ, ଜିଲାର ଜନପ୍ରତିନିଧିଙ୍କ ଉଦ୍ୟମରେ ଏହାର ସମାଧାନ ହୋଇଛି। ଏହାପରେ ଉଭୟ ଗୋଷ୍ଠୀର ସାଧୁଙ୍କ ବିଚାରଧାରା ଆଧାରରେ ମହିମାଗାଦିର ଉନ୍ନତୀକରଣ ପ୍ରସ୍ତାବ ଦିଆଯାଇଥିଲା। ୫-ଟି ସଚିବ ପୀଠ ପରିଦର୍ଶନ କରି ଆଲୋଚନା କରିଥିଲେ। ଏହାପରେ ପୀଠର ଉନ୍ନତି ପାଇଁ ୧୧୨କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରୁଛୁ। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଆସନ୍ତା ମାଘମେଳା ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସରିବାକୁ ଲକ୍ଷ୍ୟ ରଖାଯାଇଛି। ରାସ୍ତାଘାଟ, ବିଦ୍ୟୁତୀକରଣ, ପୋଖରୀ ପୁନରୁଦ୍ଧାର, ୨୦୦ ବର, ୨୦୦ ତାଳଗଛ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## କପିଳାସ ଶୈବପୀଠ ଉନ୍ନୟନ ପାଇଁ ଶୀଘ୍ର ପ୍ରସ୍ତାବ ଯିବ

ମହିମାଗାଦି ଭଳି ପ୍ରସିଦ୍ଧ ଶୈବପୀଠ କପିଳାସ ପୀଠର ରୂପାନ୍ତରଣ ପାଇଁ ଯୋଜନା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ୫-ଟି ସଚିବ କପିଳାସ ପରିଦର୍ଶନରେ ଆସିବେ। ଏହାପରେ ସପ୍ତାହକ ମଧ୍ୟରେ କପିଳାସ ପୀଠ ରୂପାନ୍ତରଣ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ଶୁକ୍ରବାର ସୂଚନା ଦେଇଛନ୍ତି।

**ଚୋରି ଅଭିଯୋଗରେ ଜଣେ ଗିରଫ**

ବଇଣ୍ଡା, (ପରିକ୍ଷିତ ସାହୁ): ହଣ୍ଡପା ଥାନା ପ୍ରତାପପୁର ଗ୍ରାମର ବରୁଣ ରଣାଙ୍କ ଘରୁ ଆସବାବପତ୍ର ଚୋରି କରିଥିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜିତେନ ନାଗଙ୍କୁ ଗିରଫ କରିଛି। ବରୁଣ ପୁରୀ ଯାଉଥିବାବେଳେ ଜିତେନ ତାଙ୍କ ଘର ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୫୧/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଉଥିଲା। ଚୋରି ସାମଗ୍ରୀ ଉଦ୍ଧାର ପରେ ଜିତେନଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା

ପାଲଲହଡ଼ା, ୧୬।୬(ବିଦ୍ୟୁଜ୍ୟୋତି ଦାସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗତ ଗୁରୁବାର ଅନୁଗୋଳ ଜିଲା ପାଲଲହଡା ବ୍ଲକ ବଡ଼ିହ ପଞ୍ଚାୟତ ଖଡକା ଗ୍ରାମରେ ଘଟିଛି ହତ୍ୟାକାଣ୍ଡ। ମୃତକ ହେଲେ ଖଡକା ଗ୍ରାମର ମେଘୁ ବେହେରା। ପୋଲିସ କହିଛି, ରଜ ପର୍ବ ପାଇଁ ଗାଁରେ ତାସ୍ ଖେଳର ଆୟୋଜନ କରାଯାଇଥିଲା। ଅପରାହ୍ନରେ ଗ୍ରାମର ରାଜନ ଗିରି ସାଙ୍ଗସାଥିଙ୍କ ସହ ତାସ ଖେଳୁଥିବାବେଳେ ମେଘୁ ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ରାଜନଙ୍କ ୩ ଭାଇ ଦୁଃଖ ଗିରି, ଚକ୍ର ଗିରି ଏବଂ ଅନ୍ୟ ଜଣେ ନାବାଳକ ଭାଇ ସଂଘବଦ୍ଧ ଭାବେ ମେଘୁଙ୍କୁ ଆକ୍ରମଣ କରିଥିଲେ। ପଥରରେ ମୁଣ୍ଡକୁ ଛେଚି ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଭିଯୁକ୍ତଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଶୁକ୍ରବାର ପାଲଲହଡା ଥାନାକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ଅଭିଯୁକ୍ତଙ୍କୁ ଗିରଫ କରିଛି ଏ ନେଇ ନଂ.୧୭୯/୨୩ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଗୁରୁତର ରାଜନଙ୍କୁ ପ୍ରଥମେ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ତାତିଲେଣି ଉପଭୋକ୍ତା

■ବିଦ୍ୟୁତ୍ ବିଭ୍ରାଟ ଅସହ୍ୟ
■ଆନ୍ଦୋଳନ ପାଇଁ ସଜବାଜ



ଆକାଶରୁ ଖସୁଛି ଅଗ୍ନିପିଣ୍ଡୁଳା। ତତଲା ତାୱାରେ ପରିଣତ ହୋଇଛି ସାରା ରାଜ୍ୟ। ଅସହ୍ୟ ଗ୍ରୀଷ୍ମପ୍ରବାହରେ ଅତିଷ୍ଠ ହୋଇପଡ଼ିଛି ଜନଜୀବନ। ଏଭଳି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ସ୍ୱପ୍ନ ପାଲଟିଛି। ରାଜ୍ୟକୁ ବିଜୁଳି ଶକ୍ତି ଯୋଗାଉଥିବା ଅନୁଗୋଳ ଜିଲା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ସେମାନେ ଆନ୍ଦୋଳନ କରିବାକୁ ସଜବାଜ ହେଲେଣି।

ଛେଣ୍ଡିପଦା, ୧୬।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଲୋ-ଭୋଲ୍ଟେଜ ଏବଂ ଅଘୋଷିତ ବିଦ୍ୟୁତ୍ କାଟ ଗ୍ରାହକଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ବିଦ୍ୟୁତ୍ ବିଭାଗର ଭିତ୍ତିଭୂମି ଅଭାବରୁ ଅଧିକାଂଶ ସମୟରେ ବୈଷୟିକ ତ୍ରୁଟି ଦେଖାଦେଉଛି। ଓଭରଲୋଡ୍ ପାଇଁ କେତେବେଳେ ପାୱାର ଟ୍ରିପ୍ ହୋଇଯାଉଛି ତ ଆଉ କେତେବେଳେ ଟ୍ରାନ୍ସଫର୍ମର ପୋଡ଼ିଯାଉଛି। ଛୋଟ ମୋଟ ତ୍ରୁଟି ସୁଧାରିବାକୁ ଘଣ୍ଟା ଘଣ୍ଟା ସମୟ ଲାଗି ଯାଉଥିବାବେଳେ ବିନା ବିଜୁଳିରେ ଛଟପଟ ହେଉଛନ୍ତି ସାଧାରଣ ଜନତା। କେବଳ ଛେଣ୍ଡିପଦା ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଏଭଳି ସମସ୍ୟା ଏବେ ଜଟିଳ ଆକାର ଧାରଣ କଲାଣି।

ଅଞ୍ଚଳବାସୀଙ୍କ କହିବା କଥା, ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ଦାୟିତ୍ୱ ହାତକୁ ନେବାପରେ ସମସ୍ୟା ବଢ଼ିଚାଲିଛି। ବିଭ୍ରାଟ ସବୁସୀମା ଅତିକ୍ରମ କରିସାରିଛି। ପୂର୍ବରୁ ଏଭଳି ଅବ୍ୟବସ୍ଥା କେବେ ଦେଖିବାକୁ ମିଳି ନ ଥିଲା। ରକ୍ଷଣାବେକ୍ଷଣ ନାମରେ ବିନା ସୂଚନାରେ ବିଜୁଳି ବିଚ୍ଛିନ୍ନ କରିଦିଆଯାଉଛି। ମେଘ ଉଠାଉ ଉଠାଉ ବିଦ୍ୟୁତ୍ ଛୁ' ମାରୁଛି। କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ହେଲେ ଦିନ ଦିନ ଧରି କରେଣ୍ଟ ରହୁନାହିଁ। ଅଞ୍ଚଳରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିବାବେଳେ ତଦନୁଯାୟୀ ଟ୍ରାନ୍ସଫର୍ମର ଅପ୍‌ଗ୍ରେଡେଡ୍ କରାଯାଉନାହିଁ। ବର୍ଷା ଏବଂ ଶୀତଦିନେ କୌଣସି ପ୍ରକାରେ କାମ ଚଳିଯାଉଛି। ହେଲେ ଖରାଦିନେ ଅଧିକ ବିଦ୍ୟୁତ୍ ବ୍ୟବହାର ହେଉଥିବାରୁ ଟ୍ରାନ୍ସଫର୍ମର ଲୋଡ୍ ନେଇପାରୁନାହିଁ। ତେଣୁ ଲୋ-ଭୋଲ୍ଟେଜ୍ ସମସ୍ୟା ସୃଷ୍ଟି ହେଉଛି। ପାଣିମୋଟର, ପଙ୍ଖା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ବୈଦ୍ୟୁତିକ ଉପକରଣ ପୋଡ଼ିଯାଉଛି। ସରକାରୀ, ବେସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି। ମାସକୁ ମାସ ଦେୟ ଆଦାୟରେ କମ୍ପାନୀ ସାମାନ୍ୟ ଅବହେଳା କରୁ ନ ଥିବାବେଳେ ସେବା ପ୍ରଦାନରେ ଏଭଳି ଅବ୍ୟବସ୍ଥାକୁ ସହ୍ୟ କରାଯିବ ନାହିଁ। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ଅଭିଯୋଗ କଲେ ସୁଫଳ ମିଳୁନାହିଁ



ଘରେ ୫ବର୍ଷ ହେଲା ମିଟର ବସାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ଦିଆଯାଉନାହିଁ। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଖରାଦିନେ ଅସହ୍ୟ ଗରମରେ ସନ୍ତୁଳି ହେଉଛୁ।

-ସବିତା ବାଘ, ସାପୋଇନାଳି

### ୪୦ ପରିବାର ଅନ୍ଧାରରେ



କାଠପାଳ ଗ୍ରାମକୁ ଅଦ୍ୟାବଧି ବିଜୁଳି ଶକ୍ତି ପହଞ୍ଚି ପାରିନାହିଁ। ୪୦ ପରିବାର ଅନ୍ଧାରରେ ଦିନ କାଟୁଛୁ। ବିଦ୍ୟୁତ୍ ବିଭାଗ କିମ୍ବା ପ୍ରଶାସନ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ।

-ଅଞ୍ଜଳି ମାଝି, କାଠପାଳ

### ପ୍ରତିକାର ହେବା ଦରକାର



ସରକାର ଘରୋଇ କମ୍ପାନୀକୁ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଦେଇଛନ୍ତି। ହେଲେ ସମସ୍ୟାର ସମାଧାନ ଏବଂ ପରିଚାଳନାରେ ତ୍ରୁଟି ରହୁଛି। ଚୁକ୍ତି ଅନୁଯାୟୀ କାର୍ଯ୍ୟ ହେଉନାହିଁ। ଏହାର ପ୍ରତିକାର ହେବା ଦରକାର।

-ଲିପୁନ ସାହୁ, ଖମାର

## ଆଲୋଚନା ବିଫଳ, ଆନ୍ଦୋଳନ ଜାରି

ଢେଙ୍କାନାଳ, ୧୬।୬(ରତନ ନାୟାର)

ଓଆରଏସ୍‌ଏପି ରୁଲ ୨୦୧୭ କାର୍ଯ୍ୟକାରୀ କରିବା, ଲେଭଲ ୪ରୁ ଲେଭଲ ୯ ପର୍ଯ୍ୟନ୍ତ ମୂଳ ଦରମା ବୃଦ୍ଧି ଦାବିରେ ଜୁନ୍ ୧ରୁ ଢେଙ୍କାନାଳ ଜିଲା ମିଳିତ ଅମଲା ମଞ୍ଚ ଆହ୍ୱାନରେ ଅମଲାମାନେ ସାମୂହିକ ଛୁଟିରେ ରହି ଆନ୍ଦୋଳନ ଜାରି ରଖିଛନ୍ତି। ଇତିମଧ୍ୟରେ ସରକାରଙ୍କ ସହିତ ୨ଥର ଆଲୋଚନା ବିଫଳ ହୋଇଛି। ଶୁକ୍ରବାର ଆନ୍ଦୋଳନକୁ ୧୬ ଦିନ ପୂରିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରଭାବିତ ହୋଇଛି। ଅମଲାଙ୍କ ଆନ୍ଦୋଳନ କାରଣରୁ ୧୬ ତାରିଖରୁ ଆରମ୍ଭ ହୋଇଥିବା ମୋ ଘର ଯୋଜନାରେ ଋଣ ଆବେଦନ ପାଇଁ ତହସିଲ କାର୍ଯ୍ୟାଳୟରୁ ହିତାଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ମିଳିପାରୁନାହିଁ। ବିଭିନ୍ନ ବିଭାଗର ଡାକ, ଜରୁରୀ କାଗଜପତ୍ର ପ୍ରେରଣ ହୋଇପାରୁନାହିଁ। ବ୍ଲକ କାର୍ଯ୍ୟାଳୟରେ ଅନୁମୋଦିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନରେ ବାଧା ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗରେ ପଞ୍ଜୀକରଣ, ପ୍ରୋତ୍ସାହନ ରାଶି ପ୍ରଦାନ ବାଧାପ୍ରାପ୍ତ ହୋଇଛି। ତେଣୁ ସରକାର ତୁରନ୍ତ ଅମଲାଙ୍କ ଦାବିକୁ ମାନି ନେବା ପାଇଁ ନିବେଦନ କରାଯାଉଛି ବୋଲି ମିଳିତ ମଞ୍ଚର ଆବାହକ ଅରୁଣ କୁମାର ବଳିଆର ସିଂ, ଅଧକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଜଣାଇଛନ୍ତି।

## ହାତୀ ଘର ଭାଙ୍ଗିଲା, ପଖାଳ ଖାଇଲା



ଛେଣ୍ଡିପଦା, ୧୬।୬(ଅଜିତ ଧଳ)- ଅନୁଗୋଳ ଜିଲା ଛେଣ୍ଡିପଦା ରେଞ୍ଜ ଅନ୍ତର୍ଗତ କଣଲୋଇ ଗ୍ରାମ ଝରଣ ପାର୍କ ନିକଟରେ ଗତ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଉପଦ୍ରବ ସୃଷ୍ଟି କରିଛି। ହାତୀଟି ଗ୍ରାମାଭିମୁଖୀ ହୋଇ ଦୁର ବେହେରାଙ୍କ ଘର ଭାଙ୍ଗିବା ସହ ରୋଷେଇ ଘରେ ପଶି ହାଣ୍ଡିରୁ ପାଖାଳ ଭାତ ଖାଇ ଦେଇଥିବା ଜଣାପଡ଼ିଛି। କଣଲୋଇ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ହାତୀଟି ବାହାରି ବିଳମ୍ବିତ ରାତିରେ ଝରଣ ପାର୍କ ନିକଟ ଗ୍ରାମକୁ ପଶି ଆସିଥିଲା। ପାର୍କ ନିକଟରେ ଥିବା ଦୁର ବେହେରାଙ୍କ ଘର ନିକଟକୁ ଆସି ରୋଷେଇ ଘର ଭାଙ୍ଗିଥିଲା। ପରେ ହାଣ୍ଡିରୁ ବାସି ପଖାଳ ଖାଇଥିଲା। ଭୟଭୀତ ଦୁର ତାଙ୍କ ଝିଅ, ନାତୁଣୀକୁ ଧରି ଚୁପଚାପ୍ ଘରେ ବସିରହିଥିଲେ। ଗ୍ରାମବାସୀ ହାତୀକୁ ଘଉଡ଼ାଇବା ସହ ବନ ବିଭାଗକୁ ଖବର ଦେଇଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଛାରଖାର



ଛେଣ୍ଡିପଦା, ୧୬।୬(ଅଜିତ ଧଳ)
ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମ ମଝିସାହିର ପୀତାମ୍ବର ଭୋଇଙ୍କ ଘରେ ଶୁକ୍ରବାର ସକାଳେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ସମେତ ଲକ୍ଷାଧିକ ଟଙ୍କା ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ପୀତାମ୍ବରଙ୍କ ଘରେ କେହି ନ ଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିବା ସହିତ ଛେଣ୍ଡିପଦା ଦମକଳ ବାହିନୀ ଓ ପୀତାମ୍ବରକୁ ଖବର ଦେଇଥିଲେ। ଛେଣ୍ଡିପଦା ଅଗ୍ନିଶମ ଗାଡ଼ି ଖରାପ ଥିବାରୁ ୪୦ କିମି ଦୂର ଏନ୍‌ଟିପିସି ଦମକଳ ବାହିନୀ ପହଞ୍ଚିଥିଲେ। ତେବେ ସେତେବେଳକୁ ସବୁକିଛି ପୋଡି ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡରେ ପୀତାମ୍ବର ଏକ ଘରୋଇ ଫାଇନାନ୍ସରୁ ଗ୍ରୁପ ମାଧ୍ୟମରେ ଆଣିଥିବା ୬୦ ହଜାର ଟଙ୍କା, ଘରେ ଗଚ୍ଛିତ ରଖିଥିବା ୩୦ ହଜାର ଟଙ୍କାର ଧାନ ସମେତ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ମାଛକୁଟା ସରପଞ୍ଚ ମନୋଜ ସେଠୀ ପହଞ୍ଚି ପରିବାର ଲୋକଙ୍କୁ ଭେଟି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସାତକୋଶିଆରେ ଦନ୍ତା ମୃତଦେହ ଠାବ

ଅନୁଗୋଳ, ୧୬।୬(ଅମିତ ସାମଲ)



ମୃତ ଦନ୍ତାହାତୀ।

ଅନୁଗୋଳ ସାତକୋଶିଆ ଅଭୟାରଣ୍ୟ ଜିଲିଣ୍ଡା ରେଞ୍ଜ ଅନ୍ତର୍ଗତ କଟରଙ୍ଗାରେ ଶୁକ୍ରବାର ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ସୂଚନା ପାଇ ଆର୍‌ସିସିଏଫ, ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା ବନ ଅଧିକାରୀ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ଦନ୍ତାର ଆନୁମାନିକ ବୟସ ୫୦ ବର୍ଷ ହେବ। ତା' ଦେହରେ ଛେର୍‌ରା ଗୁଳି ବାଜିଛି। ତେବେ ଅଂଶୁଘାତରେ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ସ୍ଥାନରେ ଗତ ବର୍ଷ ଏକ ଦନ୍ତା ହାତୀକୁ ଶିକାର କରି ପୋତି ଦିଆଯାଇଥିଲା। ଏହି ଘଟଣାରେ ବନ ବିଭାଗର ଜଣେ ରେଞ୍ଜର, ଜଣେ ଫରେଷ୍ଟର ଓ ଜଣେ ଗାର୍ଡଙ୍କ ନାମରେ ଫୌଜଦାରି ମାମଲା ରୁଜୁ କରାଯାଇଥିଲା। ମାମଲା ବିଚାରାଧୀନ ଥିବାବେଳେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ସେହିଭଳି ସାତକୋଶିଆ ପମ୍ପାସର ରେଞ୍ଜ୍‌ର ଜଗନ୍ନାଥପୁର ଅଞ୍ଚଳରୁ ଦୁଇଟି ଦନ୍ତା ଓ କଲରାପତରିଆ ଶିକାର କରାଯାଇଥିଲା।

## ଜରପଡ଼ା ଅଞ୍ଚଳରେ ବଢୁଛି ବେଆଇନ ଗୋ ଚାଲାଣ

ବଇଣ୍ଡା, ୧୬।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଜରପଡା ଅଞ୍ଚଳରେ ବେଆଇନ ଗୋ-ଚାଲାଣ ବଢ଼ିବାରେ ଲାଗିଛି। ପ୍ରତି ସପ୍ତାହ ବୁଧବାର ରାତିରେ ଶତାଧିକ ଗୋରୁଙ୍କୁ ଅମାନବୀୟ ଭାବେ ଚାଲାଣ କରାଯାଉଛି। ହେଲେ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଉରୁକୁଳା ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଜରପଡ଼ା ଅଞ୍ଚଳରେ ପ୍ରତି ବୁଧବାର ସାପ୍ତାହିକ ହାଟ ଅନୁଷ୍ଠିତ ହେଉଛି। ଏହି ହାଟକୁ ବିଭିନ୍ନ ପଞ୍ଚାୟତରୁ ଲୋକେ ଗୋରୁ ବିକ୍ରି କରିବା ପାଇଁ ଆଣୁଛନ୍ତି। ଜିଲା ତଥା ଜିଲା ବାହାରୁ ଅନେକ ବ୍ୟବସାୟୀ ଗୋରୁ କିଣି ରାତିଅଧିଆ ଚାଲାଣ କରୁଛନ୍ତି। ଉରୁକୁଳା, ନାକିଚି, ହଣ୍ଡପା ଦେଇ ଜଙ୍ଗଲ ଅଧ୍ୟୁଷିତ ଗ୍ରାମ ହିଞ୍ଜିରିଡା, ଗୁଣ୍ଡୁରୀଝରଣ ଆଦି ଅଞ୍ଚଳରୁ କଣ୍ଟେନର ଜରିଆରେ କଟକ ତଥା ରାଜ୍ୟ ବାହାରକୁ ବେଆଇନ ଭାବେ ଗୋଚାଲାଣ ହେଉଛି। ସ୍ଥାନୀୟ ପୋଲିସର କେତେକ କର୍ମଚାରୀଙ୍କୁ ହାତ କରି ଏଭଳି ବେଆଇନ କାର୍ଯ୍ୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର କହିଛନ୍ତି, ଗୋଚାଲାଣ ଉପରେ ରୋକ୍ ଲଗାଇବା ପାଇଁ ଖୁବଶୀଘ୍ର ପଦକ୍ଷେପ ନେବାକୁ ହଣ୍ଡପା ଓ ଠାକୁରଗଡ଼ ପୋଲିସକୁ ନିର୍ଦ୍ଦେଶ ଦିଆଯିବ। ଅଭିଯୁକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମାନସ ସଭାପତି, ସନ୍ତୋଷ ସମ୍ପାଦକ

ଅନୁଗୋଳ, ୧୬।୬(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସର୍ବସାଧାରଣଙ୍କ ମତ ପରେ ଅନୁଷ୍ଠିତ ହୋଇଥିବା ନିର୍ବାଚନକୁ ଆଡଭୋକେଟ୍ ପରମାନନ୍ଦ ମିଶ୍ର ଓ ମହେନ୍ଦ୍ର ବସ୍ତିଆ ପରିଚାଳନା କରିଥିଲେ। ସଭାପତି ଭାବେ ମାନସ ସାମଲ, ଉପସଭାପତି କେ.କେ. ସାମଲ, ସମ୍ପାଦକ ସନ୍ତୋଷ ମିଶ୍ର, ସହସମ୍ପାଦକ ଭାବେ ସୁଦୀପ ଗଡନାୟକ, କୋଷାଧ୍ୟକ୍ଷ ଭାବେ ଉପେନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି।



ବସ୍ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ।

## ଗ୍ରାମ କମିଟି କର୍ମକର୍ତ୍ତା ଚୟନ

ବଅଁରପାଳ, ୧୬।୬(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ କାଣ୍ଡସର ଗ୍ରାମ କମିଟିର ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବଂଶୀଧର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ବିଷ୍ଣୁଚରଣ ବେହେରା, ଗୋପୀନାଥ ସାହୁ, ଉପସଭାପତି ଭାବେ ନଗେନ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ପ୍ରକାଶ ପ୍ରଧାନ, ସୁଶାନ୍ତ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ସମ୍ପାଦକ ଭାବେ ପତିତପାବନ ଗଡ଼ନାୟକ, ପ୍ରଫୁଲ୍ଲ ସାହୁ, ଗୋବିନ୍ଦ ସାହୁ, ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ଭାବେ ବିନୋଦ ବିହାରୀ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ ଚୟନ ହୋଇଛନ୍ତି।



ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଉଛି।

# ଜିଆଖତ ପ୍ରସ୍ତୁତି ଶିଖିଲେ ମହିଳା

ଅନୁଗୋଳ, ୧୬।୬
(ଅମିତ କୁମାର ସାମଲ)



ଅନୁଗୋଳ ସହର ଉପକଣ୍ଠ ଖଲାରୀ ଗ୍ରାମର ରାମେଶ୍ୱର ୟୁଥ କ୍ଲବ ଏବଂ ଅନୁଗୋଳ ବନ ବିଭାଗର ମିଳିତ ସହଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଜିଆଖତ ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଟାଉନ ଫରେଷ୍ଟର ହରମୋହନ ପ୍ରଧାନ ଉପସ୍ଥିତ ରହି ମଜିଆଖତ ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷିମିତ୍ର ପ୍ରମିଳା ସାହୁ, ସାମାଜିକ କର୍ମୀ ଲିପିକା ମହାପାତ୍ର, ଅଜୟ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଦସ୍ୟ ବିଭୀଷଣ ସାହୁ, ପ୍ରଶାନ୍ତ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

# ବନିତା ସାହୁ 'ରଜ କୁଇନ୍'

ବଇଣ୍ଡା, ୧୬।୬(ପରିକ୍ଷିତ ସାହୁ)

ବାର ମାସରେ ୧୩ ପର୍ବକୁ ନେଇ ଓଡ଼ିଶା ଗର୍ବିତ। ସେଥିମଧ୍ୟରୁ ରଜ ସ୍ୱତନ୍ତ୍ର। ଏହି କୃଷିଭିତ୍ତିକ ପର୍ବ ପାଇ ଗାଁଠାରୁ ସହର ଚଳଚଞ୍ଚଳ ହୋଇଉଠୁଛି। ଏହା ଓଡ଼ିଆ ପରମ୍ପରା ବଜାଇ ରଖିଛି ବୋଲି ଶୁକ୍ରବାର କିଶୋରନଗର ବ୍ଲକ ଇଛାପୁର ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଶିକ୍ଷକ ଲୋକନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟେଇକୋଳିଆ ସରପଞ୍ଚ ନୟନୀ ବେହେରା, ଅନ୍ୟତମ ଅତିଥି ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ ସାହୁ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ଚଷା ସମାଜ ସଭାପତି ଭାଗୀରଥି ସାହୁ, ମନୋରଞ୍ଜନ ସାହୁ, ଉତ୍ତମ କୁମାର ମାଟିଆରି, ସାରଦା ପ୍ରଧାନ, ଶୋଭାନନ୍ଦ ଆଚାର୍ଯ୍ୟ, ବାପୁଜୀ କ୍ଲବର ଦୁଷ୍ମନ୍ତ ସାହୁ, ଦିନେଶ ମାଝି, ଜେନାମଣି ମାଝି, ସ୍ୱପ୍ନସାଗର ସାହୁ, ବାପୁଜୀ ଦେହୁରୀ ଯୋଗ ଦେଇଥିଲେ। ଫୁଚି, ଦୋଳି, ମ୍ୟୁଜିକ୍ ଚେୟାର, ନୃତ୍ୟଗୀତ, କୁଇଜ, ତାସ୍ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଗ୍ରାମର ଯୁବତୀ, ମହିଳା ଅଂଶଗ୍ରହଣ କରିଥିଲେ। ବନିତା ସାହୁ ରଜ କୁଇନ ବିବେଚିତ ହୋଇଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଯୁବତୀମାନେ ଦୋଳି ଖେଳୁଛନ୍ତି।

# ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ

ବଅଁରପାଳ, ୧୬।୬(ଉପେନ୍ଦ୍ର ରାଉତ)



ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ଯାତ୍ରୀ ବିଶ୍ରାମାଗାର।

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଳରାମପ୍ରସାଦଠାରେ ଥିବା ଯାତ୍ରୀ ବିଶ୍ରାମାଗାର ଦୀର୍ଘଦିନ ହେବ ଜରାଜୀର୍ଣ୍ଣ ହୋଇ ରହିଛି। ଫଳରେ ପଥଚାରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ବଳରାମପ୍ରସାଦ ବସ୍‌ଷ୍ଟାଣ୍ଡ ଦେଇ ଅନୁଗୋଳ, ତାଳଚେର, ଢେଙ୍କାନାଳ, କଟକ, ଭୁବନେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ସମେତ ବିଭିନ୍ନ ସ୍ଥାନକୁ ବସ୍ ଯାତାୟାତ କରିଥାଏ। ମାତ୍ର ବିଶ୍ରାମାଗାର ଭାଙ୍ଗି ଯାଇଥିବାରୁ ଯାତ୍ରୀମାନେ ଗଛମୂଳେ ଏବଂ ନିକଟସ୍ଥ ଦୋକାନରେ ରହି ବସକୁ ଅପେକ୍ଷା କରୁଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ସେମାନଙ୍କୁ ଡହଡହ ଖରାରେ ଅପେକ୍ଷା କରିବାକୁ ପଡୁଛି। ପରିସ୍ରାଗାର ଏବଂ ପାନୀୟ ଜଳର ସୁବିଧା ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍‌ଷ୍ଟାଣ୍ଡ ଉପରେ ବଳରାମପ୍ରସାଦ, ପିଙ୍ଗୁଆପାଣି, କେନ୍ଦୁପଲି, ଟେଣ୍ଟଲୋଇ ସମେତ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ନାଲକୋ ପଡ଼ିଁଶ ପୋଖରୀ ନିକଟରେ ଏହି ବସ୍‌ଷ୍ଟାଣ୍ଡ ରହିଥିଲେ ମଧ୍ୟ ଏହାର ଉନ୍ନତି ପ୍ରତି ନାଲ୍‌କୋ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉ ନାହିଁ। ଏ ସମ୍ପର୍କରେ ବଳରାମପ୍ରସାଦ ଯୁବନେତା ଅନିଲ ବେହେରା, ସତ୍ୟବାନ ଦାସ ପ୍ରମୁଖ କହିଛନ୍ତି, ଦୀର୍ଘଦିନ ହେଲା ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ଯାତ୍ରୀମାନେ ଖରାରେ ବସି ବସ୍‌କୁ ଅପେକ୍ଷା କରୁଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ: ଭାଜପାର ବିକ୍ଷୋଭ



ଭଜପା କର୍ମକର୍ତ୍ତାମାନେ ଅନୁଗୋଳ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଅନୁଗୋଳ/କଣିହାଁ/ଛେଣ୍ଡିପଦା/ଖମାର,୧୬।୬ (ଅମିତ ସାମଲ/ସଚ୍ଚିଦାନନ୍ଦ ପ୍ରଧାନ/ ଅଜିତ ଧଳ/ରଜନୀକାନ୍ତ ମହାରଣା)**

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଏବଂ ଲୋ-ଭୋଲ୍‌ଟେଜ୍ ସମସ୍ୟାରେ ଉପଭୋକ୍ତା ତ୍ରାହି ତ୍ରାହି ଡାକୁଛନ୍ତି। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଅନୁଗୋଳ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଯୋଗଦେଇ କହିଲେ, ଅନୁଗୋଳ ଜିଲା ଦେଶକୁ ବିଦ୍ୟୁତ୍ ଯୋଗାଉଛି। ହେଲେ ଜିଲାବାସୀ ବିଜୁଳି ନ ପାଇ ଉହଳବିକଳ ହେଉଛନ୍ତି। ଏହା ବିଜେଡି ସରକାରଙ୍କ ଅପାରଗତା। ଏ ନେଇ ଅଞ୍ଚଳର ଜନପ୍ରତିନିଧି ମୁହଁ ନ ଖୋଲିବା ପରିତାପର ବିଷୟ ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଦିଲୀପ ପ୍ରଧାନ, ସୁଦୀପ ଗଡ଼ନାୟକ, ଚନ୍ଦ୍ରକାନ୍ତ ଧଳ, ସମୀର ପରିଡ଼ାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକଙ୍କ ନେତୃତ୍ୱରେ କଣିହାଁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ପର୍ଶୁରାମ ବାରିକ, ସୁଶାନ୍ତ ସାମଲ, ନାଥ ସାହୁ, କର୍ଣ୍ଣ ଭୂତିଆ, ମନମୋହନ ସାହୁ, ମକୁନ୍ଦ ସାହୁ, ସନ୍ତୋଷ ଭୂତିଆ, ସୌଭାଗ୍ୟ ସାହୁ, ଦୁଃଖବନ୍ଧୁ ଭୂତିଆ ଉପେନ୍ଦ୍ର ପ୍ରଧାନ, ବଡଗୁଣ୍ଡିରି ସରପଞ୍ଚ ସସ୍ମିତା ଦଳେଇ, ଡମ୍ବରୁ ସାମଲ, ପ୍ରଦୀପ ନାୟକ, ବାପୁଜୀସାହୁ, ମୂଳିଆ ପରିଡ଼ାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଛେଣ୍ଡିପଦାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାର ଏବଂ ଶକ୍ତିମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଛେଣ୍ଡିପଦା ବଜାର ପରିକ୍ରମା ପରେ ଟାଟା ପାୱାର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଲାଗି ଏକ ଦାବିପତ୍ର ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଜିଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଯୁଗଳ ଦେହୁରୀ, ମନୋରଜନ ଆଚାର୍ଯ୍ୟ, ଚିତ୍ରସେନ ସାହୁ, ଅକ୍ଷୟପାଦ ବେହେରା, ଗୋବର୍ଦ୍ଧନ ପ୍ରଧାନ, ଜଗଦୀଶ ସାହୁ, ଯୁଗଳ କିଶୋର ଦେହୁରୀ, ଉମେଶ ଚନ୍ଦ୍ର ପ୍ରଧାନ, ଗୋବିନ୍ଦ ସାହୁ, ନବକିଶେର ସାହୁ, ଇନ୍ଦ୍ରମଣି ସାହୁ, ବିକାଶ ମହାପାତ୍ର, ଯୁଗଳପ୍ରଧାନ, ଗୋପବନ୍ଧୁ ସାହୁ, ବିକାଶ ପ୍ରଧାନ, ଅନିଲ ପ୍ରଧାନ, ବନବିହାରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ପାଲଲହଡ଼ା ବ୍ଲକ ଖମାରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ସାମଲ, ଚନ୍ଦନ ସ୍ୱରାଜ, ସରୋଜ ସାହୁ, ଡିଲେଶ୍ୱର ବେହେରା, ହରେକୃଷ୍ଣ ପ୍ରଧାନ, ଅଗସ୍ତି ପ୍ରଧାନ, ସୁନୀଲ ପ୍ରଧାନ, ସୁନୀଲ ସାହୁ, ବାବୁଲି ସାହୁ, ଅରୁଣ ମହାକୁଡ, ବାନାମ୍ବର ସାହୁ, ସନ୍ତୋଷ ଖିଲାର, ପ୍ରିୟବ୍ରତ ସାହୁ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ନୂଆଦିଲ୍ଲୀସ୍ଥିତ ଜାତୀୟ ଆଦିବାସୀ ଜନଜାତି ଓ ଗବେଷଣା କେନ୍ଦ୍ର ପରିସରରେ ଗତ ୧୨ ତାରିଖରେ ଦେଶର ଜନଜାତି ବର୍ଗଙ୍କୁ ନେଇ ଆୟୋଜିତ ହୋଇଥିବା ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ପାଉଡ଼ିଭୂୟାଁ ଜନଜାତିର ୩ ସଦସ୍ୟ ଜଗନ୍ନାଥ ପ୍ରଧାନ, ଶୁଶୀଳା ଦେହୁରୀ, ମନ୍ଦା ଗିରି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଜନଜାତି ବର୍ଗର ୨୬୬ ଜଣ ସାମିଲ ହୋଇଥିଲେ।

## ଲୁଟ୍ ଘଟଣା: ଜଣେ ଗିରଫ



**ଢେଙ୍କାନାଳ,୧୬।୬(ରତନ ନାୟାର)**

ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍‌ରୁ ଗତ ୧୪ରେ ଜଣେ ମହିଳାଙ୍କ କାରରୁ ଭ୍ୟାନିଟ୍ ବ୍ୟାଗ, ସୁନା ଅଳଙ୍କାର ସହ ନଗଦ ୩ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ଶୁକ୍ରବାର ଟାଉନ ଥାନା ପୋଲିସ କାମାକ୍ଷାନଗର ଥାନା ଦିଘି ଗ୍ରାମ ଉପରସାହିର ରୂପକ କୁମାର ମଲ୍ଲିକ (୪୫)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ କାର୍ (ଓଡି ୧୯ ୟୁ ୬୩୦୧), ଲୁଟ୍ ହୋଇଥିବା ସୁନା ଅଳଙ୍କାର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ.୪୦୮/୨୩ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗକାରିଣୀ ଶଶିରେଖା ବେହେରା (୨୮) କାମାକ୍ଷାନଗର ଥାନା ସସାପଶି ଗ୍ରାମର ମୋହନ ଦାସଙ୍କ ସ୍ତ୍ରୀ ବୋଲି ଜଣାପଡ଼ିଛି।

## ଥଣ୍ଡା ଜଳ ପ୍ରକଳ୍ପ ଲୋକାର୍ପିତ

**ବଇଣ୍ଡା,୧୬।୬(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଲକ୍ଷ୍ମୀ ବଜାରଠାରେ ଶୁକ୍ରବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଘାସିରାମ ଅଗ୍ରୱାଲାଙ୍କ ସ୍ମୃତିରେ ବ୍ୟବସାୟୀ ସୁନୀଲ କୁମାର ଅଗ୍ରୱାଲାଙ୍କ ପ୍ରଦତ୍ତ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ସ୍ଥାନୀୟ ଅଧିବାସୀ ଏବଂ ପଥଚାରୀଙ୍କ ଶୋଷ ମେଣ୍ଟେଇ ପାରିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ଆଠମଲ୍ଲିକ ଏବିଇଓ କୈବଲ୍ୟ କୁଅଁର, ଲକ୍ଷ୍ମୀ ବଜାର କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନ, ସମ୍ପାଦକ ସନ୍ତୋଷ ସାହୁ, ମହାବୀର ପ୍ରସାଦ ଅଗ୍ରୱାଲା, ଅନିଲ ଅଗ୍ରୱାଲା, ମହେଶ ଅଗ୍ରୱାଲା, ସୁନୀଲ ଅଗ୍ରୱାଲା, ହେମନ୍ତ କୁମାର ଖୁଣ୍ଟିଆ, ଶତ୍ରୁଘ୍ନ ସାହୁ, କୈଳାଶ ଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।



ଅତିଥିମାନେ ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା

**ଆଠମଲ୍ଲିକ,୧୬।୬(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ଓଲଥ ଗ୍ରାମର ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢାଇଛି ଆଠମଲ୍ଲିକ ଘରୋଇ ବସ ମାଲିକ ସଂଘ। ଶୁକ୍ରବାର ସଂଘର କର୍ମକର୍ତ୍ତାମାନେ ଗ୍ରାମରେ ପହଞ୍ଚି ୧୩ ଅଗ୍ନିବିପନ୍ନ ପରିବାର ଲୋକଙ୍କୁ ଲୁଗାପଟା, ଚୁଡ଼ା, ଚିନି, ବିସ୍କୁଟ, ଫଳ ସହିତ ୫୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସଂଘ ସଭାପତି ସଦାଶିବ ପ୍ରଧାନ, ସମ୍ପାଦକ ରୁଷଭ ତ୍ରିପାଠୀ, ସଭ୍ୟ ପଞ୍ଚାନନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜୟନ୍ତ ସାହୁ, ସଞ୍ଜୀବ ପ୍ରଧାନ, ବିକାଶ ମିଶ୍ର, ରାକେଶ ସାହୁ, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଓଲଥ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୩ଟି ପରିବାର ସର୍ବସ୍ୱାନ୍ତ ହୋଇଥିଲେ।



ସଂଘର ସଦସ୍ୟମାନେ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

**ଭୁବନ, ୧୬।୬(ବିପିନ ବିହାରୀ ସେଠୀ)**

ଭୁବନ ବ୍ଲକ ଏକତାଳି ପଞ୍ଚାୟତ ଚନ୍ଦାର ଗ୍ରାମର ମା' ତାରିଣୀ ପାଲା କମିଟି ପକ୍ଷରୁ ୩ଦିନ ଧରି ଚାଲିଥିବା ବାଦୀପାଲା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗାୟକ ସୁନୀଲ କୁମାର ମହାପାତ୍ର, ଆଦିତ୍ୟ ସ୍ୱାଇଁ ସାଥୀଙ୍କ ସହିତ ପାଲା ପରିବେଷଣ କରିଥିଲେ। ଓଡ଼ିଆ ସଂସ୍କୃତି, ପରମ୍ପରା, ଇତିହାସ, ପୌରାଣିକ କଥାବସ୍ତୁ ଉପରେ ଆଲୋଚନା ହୋଇଥିଲା। ଆଖପାଖ ଅଞ୍ଚଳର ବହୁସଂଖ୍ୟାରେ ଶ୍ରୋତାଙ୍କ ସମାଗମରେ କାର୍ଯ୍ୟକ୍ରମ ସଫଳ ହୋଇଛି। ଉଦ୍‌ଯାପନୀ ଦିବସରେ ୨ ଗାୟକ ଓ ସହଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲା କମିଟି ସଭାପତି ଅମୂଲ୍ୟ କୁମାର ଦ୍ୱିବେଦୀ, ସମ୍ପାଦକ ଅନନ୍ତ ଚରଣ ବେହେରା, କୋଷାଧ୍ୟକ୍ଷ ପଙ୍କଜ କୁମାର ସାହୁ, ବରିଷ୍ଠ କର୍ମକର୍ତ୍ତା ଆଦିକନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ରାଉତ, ବିଦ୍ୟାଧର ରାଉତ, ଶିବଶଙ୍କର ତ୍ରିପାଠୀ, ଶ୍ରୀବତ୍ସ ଦ୍ୱିବେଦୀ, ଚହଳି ସାହୁ, ନନ୍ଦ ମନ୍ତ୍ରୀ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଦିବସରେ ପାଲା ପରିବେଷଣ।

## ମୋ ସେବା କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା,୧୬।୬(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବିଲେଇନାଳୀ ଗ୍ରାମରେ ଶୁକ୍ରବାର ମୋ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ବବିତା ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କେନ୍ଦ୍ରରେ ସାଧାରଣ ଲୋକେ ସମସ୍ତ ପ୍ରକାର ସୁବିଧା ପାଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏଥିରେ ଏମ୍‌ବିକେ, ସିଆରପିମାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

## ସେବା କଂଗ୍ରେସର ମୂଳ ଲକ୍ଷ୍ୟ

**କାମାକ୍ଷାନଗର, ୧୬।୬(ସୁଧୀର ପରିଡ଼ା)**

କାମାକ୍ଷାନଗର ବ୍ଲକ ଦିଘୀ, ବୁଢ଼ୀବିଲି ଭଇରପୁର ପଞ୍ଚାୟତରେ କଂଗ୍ରେସର 'ହାତକୁ ହାତ ଯୋଡ଼' କାର୍ଯ୍ୟକ୍ରମ ଦଳର ବରିଷ୍ଠ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଲୋକଙ୍କ ସୁଖଦୁଃଖର ସାଥୀ ହୋଇ ରହି ଆସିଛି। ସେବା ହିଁ ଦଳର ମୂଳଲକ୍ଷ୍ୟ। କଳୁଷିତ ରାଜନୀତିକୁ ନେଇ ଅଶାନ୍ତ ହୋଇପଡ଼ିଥିବା କାମାକ୍ଷାନଗର ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା, ଭାଇଚାରା ବାତାବରଣ ସୃଷ୍ଟି କରିବା ଲାଗି ଆହ୍ୱାନ ଦିଆଯାଇଛି। କେନ୍ଦ୍ରର ଭାଜପା ଏବଂ ରାଜ୍ୟର ବିଜେଡି ସରକାର ମଧ୍ୟରେ ଅଘୋଷିତ ବୁଝାମଣା ହୋଇଛି। ଅହେତୁକ ଦରଦାମ ବୃଦ୍ଧି, ବିଜୁଳି କାଟ ସାଧାରଣ ଜନତାକୁ ଅତିଷ୍ଠ କରିଛି। ଏହାର ଦୃଢ଼ ବିରୋଧ କରାଯିବ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି।

ସେହିପରି ଅପରାହ୍ନରେ ଭାଗୀରଥି ଜେନାଙ୍କ ନେତୃତ୍ୱରେ ଭୁବନ ବ୍ଲକର ଗଡ଼ନୃସିଂହପ୍ରସାଦ, ଭୂଷଳ ପଞ୍ଚାୟତରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅର୍ଜୁନ ଦାସ, ଭିକାରୀ ମଲ୍ଲିକ, ଖଗେଶ୍ୱର ଭୋଇ, ବୁଦ୍ଧିମନ୍ତ ମଲ୍ଲିକ, ପ୍ରକାଶ ନାୟକ, ଅଶୋକ ନାଏକ, ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




କାମାକ୍ଷାନଗର ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତାମାନେ।

## ବନମାଳୀପ୍ରସାଦ ଉତ୍ସବମୁଖର

**ଢେଙ୍କାନାଳ,୧୬।୬(ରତନ ନାୟାର)**

ଢେଙ୍କାନାଳ ପୌରାଞ୍ଚଳର ୯ନଂ. ୱାର୍ଡ ବନମାଳୀ ପ୍ରସାଦ ଅଞ୍ଚଳ ରଜ ମହୋତ୍ସବକୁ ନେଇ ଉତ୍ସବମୁଖର ହୋଇଉଠିଛି। ଦୋଳିଖେଳ, ପୋଡ଼ପିଠା, ସାମୂହିକ ଭୋଜିର ଆସର ଜମୁଛି। ଚଳିତବର୍ଷ ଅରଟ ଦୋଳି, ଶଗଡ ଦୋଳି, ସାଇକେଲ ଦୋଳି, ରାମଦୋଳି ଆକର୍ଷଣ ସାଜିଛି ବୋଲି କାଉନସିଲର ସୂର୍ଯ୍ୟ ପ୍ରତାପ ରାଉତ, ମହିଳା ବେବି ନାୟକ କହିଛନ୍ତି। ସେହିପରି ରଜ ପାନର ଚାହିଦା ମଧ୍ୟ ବଢ଼ିଥିବା ପରିଲକ୍ଷିତ ହୋଇଛି।



ବନମାଳୀ ପ୍ରସାଦରେ ମହିଳାମାନେ ଦୋଳି ଖେଳୁଛନ୍ତି।

# ସରିଲା ରଜ ମହୋତ୍ସବ



ଭୁବନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ନଗରପାଳଙ୍କ ସମେତ ଅନ୍ୟମାନେ।



ପରଜଙ୍ଗ ବ୍ଲକ ରୋଡ୍ ଗ୍ରାମରେ ଆୟୋଜିତ ରଜ ମହୋତ୍ସବ।

**ଭୁବନ/ପରଜଙ୍ଗ, ୧୬।୬(ବିପିନ ବିହାରୀ ସେଠୀ/ନିଗମାନନ୍ଦ ଦଳବେହେରା)**

ସରିଛି କୃଷିଭିତ୍ତିକ ଗଣପର୍ବ ରଜ। ଅନ୍ତିମ ଦିନରେ ଆୟୋଜକ କମିଟି ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତାର ଆୟୋଜନ କରାଯାଇଥିବାବେଳେ ଉତ୍ସବମୁଖର ହୋଇଉଠିଥିଲା ପୁରପଲ୍ଲୀ।

ଭୁବନ ଅଷ୍ଟଶମ୍ଭୁ ଶିବ ମନ୍ଦିରରେ ୩ଦିନିଆ ରଜ ମହୋତ୍ସବ ଉପଲକ୍ଷେ ଦୋଳି ଖେଳ, ପୁଚିଖେଳ, ଝୋଟି, ରଙ୍ଗୋଲି, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଆକର୍ଷଣୀୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ନଗରପାଳ ଶୁଭେନ୍ଦୁ ସାହୁ, ମୁଖ୍ୟବକ୍ତା, ବାଜିଛକ ସଭାପତି ନିତ୍ୟାନନ୍ଦ ସାହୁ, ଓଡ଼ିଶୀ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା ଯୋଗଦେଇ ରଜ ମହୋତ୍ସବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ଜୟନ୍ତୀ ପୃଷ୍ଟି ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ଅରୁଣ କୁମାର ପୃଷ୍ଟି, ସମ୍ପାଦିକା ସନ୍ଧ୍ୟାଭକ୍ତି ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ପରଜଙ୍ଗ ବ୍ଲକ ରୋଡ୍ ଗ୍ରାମରେ ରେଡ୍ ସୁରକ୍ଷା ମଙ୍ଗଳ ସେନା ପକ୍ଷରୁ ରଜ ମହୋତ୍ସବର ଆୟୋଜନ କରାଯାଇଥିଲା। ନୃତ୍ୟଗୀତ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିବାବେଳେ ଏଥିରେ ଯୁବତୀ, ମହିଳା, ଶିଶୁଙ୍କ ସମେତ ବହୁସଂଖ୍ୟାରେ ଅଞ୍ଚଳବାସୀ ସାମିଲ ହୋଇଥିଲେ।

